## ସଂକ୍ଷେପରେ

### ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦାବି

**ଜଳେଶ୍ୱର, ୧୫।୧୦ (ଡି.ଏନ୍.ଏ.):** ଜଳେଶ୍ୱର ବ୍ଲକରେ ତିତ୍‌ଲି ବାତ୍ୟା ପ୍ରଭାବଜନିତ ପ୍ରବଳବର୍ଷା ଯୋଗୁ ବ୍ୟାପକ କ୍ଷତି ହୋଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ଝାଟିମାଟି ଘର ବହୁ ସଂଖ୍ୟାରେ ନଷ୍ଟ ହୋଇଯାଇଛି। ସେହିପରି ପ୍ରବଳ ବର୍ଷା ଯୋଗୁ ଧାନ ଓ ପନିପରିବା ଚାଷୀ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଧାନଗଛ ସବୁ ପାଣିରେ ବୁଡ଼ିରହିଛି। ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ପାଖରେ କୌଣସି ଠୋସ ଖବର ନାହିଁ। ପ୍ରଶାସନ ଏହାର ତୁରନ୍ତ ତଦନ୍ତ କରି କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ଓ ଘରଭଙ୍ଗା ସହାୟତା ସହ ଚାଷୀମାନଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଜଳେଶ୍ୱର ସିପିଏମ୍ ଆଞ୍ଚଳିକ କମିଟି ତରଫରୁ ସମ୍ପାଦକ ଦିଲୀପ ଗିରି, ସିତାଂଶୁ ସେନାପତି, ଜିତାଂଶୁ ନନ୍ଦୀ, ଦିଲୀପ ପରିଡ଼ା, ଗଣେଶ ଭୂୟାଁ ଓ ବସନ୍ତ ଦାସ ପ୍ରମୁଖ ଦାବି କରିଛନ୍ତି।

### ଭାଗବତ ପାରାୟଣ ଉତ୍ସବ ଉଦ୍‌ଯାପିତ

**ସୋର, ୧୫।୧୦(ଡି.ଏନ୍.ଏ.):** ସୋର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମସ୍ଥ ଭାଗବତ ଟୁଙ୍ଗି ଆନୁକୂଲ୍ୟରେ ସପ୍ତାହବ୍ୟାପୀ ଭାବଗତ ପାରାୟଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଭାବଗତ ପାଠ ଆଲୋଚନା କରାଯିବା ସହ ହୋମଯଜ୍ଞ ପାରମ୍ପାରିକ ରୀତିରେ ଆୟୋଜିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ସାମ୍ପ୍ରତିକ ବସ୍ତୁବାଦୀ ଦୁନିଆରେ ଭାଗବତ ପାଠର ପ୍ରାସଙ୍ଗିକତା ଶୀର୍ଷକ ଏକ ପାଠଚକ୍ର ପ୍ରସନ୍ନ ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ହୋଇଥିଲା। ବରେଣ୍ୟ ବକ୍ତା ଭାବେ ଟୁଙ୍ଗି ପରିଚାଳନା କମିଟି ସଦସ୍ୟ ଚକ୍ରଧର ପତି, ବିଜୟ କୁମାର ପଣ୍ଡା ଓ ବିଜୟ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇ ନିଜ ନିଜ ବକ୍ତବ୍ୟରେ ଲୁପ୍ତପ୍ରାୟ ପ୍ରଚୀନ ସଂସ୍କୃତିର ପୁନର୍ଦ୍ଧାର ନେଇ କହିଥିଲେ। ଏହି କାର୍ଯ୍ୟକ୍ରମରେ ଚକ୍ରଧର ପତି ଓ ଭାରତୀ ଦାସ ପକ୍ଷ ଧରି ଭାଗବତ ପାଠ କରିଥିବା ବେଳେ ବୀରେନ୍ଦ୍ର ରାଉତ, ବନମାଳୀ ସ୍ୱାଇଁ, ହରିହର ମହାପାତ୍ର ଓ ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

### ମା'ଙ୍କ ଷଷ୍ଠୀ ପୂଜା

**ବାଲିଆପାଳ, ୧୫।୧୦(ଡି.ଏନ.ଏ.):** ବାଲିଆପାଳ ବ୍ଲକରେ ଚଳିତବର୍ଷ ୨୨ଟି ପୂଜା ପୀଠରେ ମୃଣ୍ମୟୀ ଦୁର୍ଗାଦେବୀଙ୍କ ପୂଜା ଅନୁଷ୍ଠିତ ହେଉଛି। ଏଥିପାଇଁ ସଦୃଶ୍ୟ ତୋରଣ ଓ ବୈଦ୍ୟୁତିକ ଆଲୋକମାଳାରେ ପୂଜା ପୀଠଗୁଡ଼ିକ ଝଲସୁଛି। ପାଗ ଅନୁକୂଳ ଥିବାରୁ ପୀଠଗୁଡ଼ିକରେ ଗହଳିର ସମ୍ଭାବନା ରହିଛି। ପ୍ରଶାସନ ତରଫରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାଲିଆପାଳ ବ୍ଲକର ସର୍ବପୁରାତନ ପୂଜାପୀଠ ରତାଇ, ଇକଡପାଳ(ସାହାବନ୍ଦର), ବାଲିଆପାଳ, ନିଖିରା, ମଧୁପୁରା(ସିମୁଳିଆ ମାର୍କେଟ), ଲଙ୍ଗଳେଶ୍ୱର ଆଦିରେ ସୋମବାର ଦୁର୍ଗାଙ୍କର ବିଲୋବରଣ ଓ ଷଷ୍ଠୀପୂଜା ଆରମ୍ଭ ହୋଇଛି।

### ବରିଷ୍ଠ ଆଇନଜୀବୀଙ୍କ ପରଲୋକ

**ବାଲେଶ୍ୱର ଅଫିସ, ୧୫।୧୦:** ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ଅପରାହ୍ନରେ ବରିଷ୍ଠ ଆଇନଜୀବୀ ଲଙ୍କେଶ୍ୱର ବେରା (୭୫)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ଘର ସଦର ବ୍ଲକ ଅନ୍ତର୍ଗତ ପରୀକ୍ଷି ଗ୍ରାମରେ । ତାଙ୍କ ମରଶରୀରକୁ କଚେରୀ ପରିସରକୁ ଅଣାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି। ସେ ୧୯୪୭ ମସିହାରେ ବାଲେଶ୍ୱର କୋର୍ଟରେ ସେ ଓକିଲାତି ଜୀବନ ଆରମ୍ଭ କରିଥିଲେ।

### ଶିଶୁ ମହୋତ୍ସବ ସୁରଭି

**ବସ୍ତା,୧୫।୧୦(ସ୍ୱ.ପ୍ର):** ବସ୍ତା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନ ଦରଡ଼ା ଆଞ୍ଚଳିକ ସାଧନ କେନ୍ଦ୍ର (କ୍ଲଷ୍ଟର) ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ନାରଗୋଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ସାମାଜିକକର୍ମୀ ଧୀରେନ୍ଦ୍ର ନାରାୟଣ ପ୍ରହରାଜ, ମୁଖ୍ୟଅତିଥି ଭାବେ ବସ୍ତା ବ୍ଲକର ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଧନଞ୍ଜୟ ବେହେରା ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଗୋଲକ ନାରାୟଣ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପର୍ଶୁରାମ ଦେ, ସୁଦାମ ଚରଣ ବାରିକ ପ୍ରମୁଖ ଯୋଗଦେଇଥିଲେ।



## ମା' ଆସୁଛନ୍ତି

# ରୌପ୍ୟଜୟନ୍ତୀ ପାଇଁ ଝଲସୁଛି ଶ୍ୟାମସୁନ୍ଦରପୁର

**ମାନସ ବିଶ୍ୱାଳ**
**ବାଲେଶ୍ୱର ଅଫିସ, ୧୫।୧୦**

ବାଲେଶ୍ୱର ଜିଲାରେ ଶାରଦୀୟ ପୂଜାର ମାହୋଲ ନିଆରା। ବଙ୍ଗୀୟ ପୂଜା ଶୈଳୀର ପ୍ରଭାବ ଅନୁଭୂତ ହେଉଥିଲେ ମଧ ନିଜସ୍ୱ କଳା, ସଂସ୍କୃତି ଓ ପରମ୍ପରାର ଝଲକ ପୂଜାକୁ ସ୍ୱାତନ୍ତ୍ର୍ୟ ଦେଇଛି। ବାଲେଶ୍ୱର ସହରରେ ଗୁରୁତ୍ୱ ବହନ କରୁଥିବା ବିଭିନ୍ନ ପୂଜା କମିଟି ମଧ୍ୟରୁ ଶ୍ୟାମସୁନ୍ଦରପୁର ପୂଜା କମିଟି ଅନ୍ୟତମ। କୁହାଯାଏ, ୧୯୯୪ ମସିହାରେ ଶ୍ୟାମସୁନ୍ଦରପୁର ଯୁବକସଂଘର କର୍ମକର୍ତ୍ତା ଉକ୍ତ ଅଞ୍ଚଳର ହରେନ୍ ଚନ୍ଦ୍ର ରଣାଙ୍କ ମାତୃ ବିୟୋଗରେ ଶବଦାହ କରିବା ପାଇଁ ବାଲିଘାଟରେ ଏକାଠି ହୋଇଥିଲେ। ସେତେବେଳେ ଗ୍ରାମରେ ମିଳିତ ଭାବେ ଦୁର୍ଗାପୂଜା କରିବାକୁ ସେମାନେ ନିଷ୍ପତ୍ତି ନେଇଥିଲେ। ସେହିଦିନଠାରୁ ଆଜି ଯାଏ ବହୁ ଆଡ଼ମ୍ବରରେ ଦୁର୍ଗାପୂଜା ପାଳନ ହେଉଛି। ଚଳିତବର୍ଷ ଏହା ରୌପ୍ୟ ଜୟନ୍ତୀ ପାଳନ କରୁଥିବାରୁ ପରିବେଶ ବେଶ୍ ଉତ୍ସାହପଦ ରହିଛି। ବ୍ୟୟବହୁଳ ବାହୁବଳୀ ତୋରଣ ପ୍ରସ୍ତୁତି ସାଙ୍ଗକୁ କୋଲକାତାର କୁମାରଟଲି ଅଞ୍ଚଳର କାରିଗର ମିଣ୍ଟୁ ପାଲ୍‌ଙ୍କୁ ଏଠାରେ ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ଦାୟିତ୍ୱ ଦିଆଯାଇଛି। ବାହୁବଳୀ ତୋରଣ ସମ୍ମୁଖରେ ଥିବା ପୋଖରୀ ମଝିରେ ପ୍ରସ୍ତୁତ ହୋଇଛି ପେଣ୍ଡାଲ। ସେଠାରେ ୧୦୦୮ ହାତ ଥିବା ଦୁର୍ଗା ମୂର୍ତ୍ତିକୁ ବିଭିନ୍ନ ଆଲୋକରେ ସାଜସଜ୍ଜା କରାଯାଇଛି। ଏଥିଲାଗି କୋଲକାତା ଚନ୍ଦନନଗର ଅଞ୍ଚଳରୁ ଆସିଛି ନୂଆ ନୂଆ ଡିଜାଇନ ଓ ମଡେଲର ଲାଇଟ୍। ନବମୀ ଦିନ ୫ହଜାର ଲୋକଙ୍କୁ ପ୍ରସାଦ ସେବନ ବ୍ୟବସ୍ଥା ସହିତ ଭିନ୍ନ ଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସେହିପରି ଭସାଣି ଉତ୍ସବରେ ନୂତନତ୍ୱ ଆଣିବା ପାଇଁ ପୂଜା କମିଟି ପ୍ରୟାସ ଚଳାଇଛି। ଡିଜେ ଭଳି ବାଦ୍ୟକୁ ବାଦ୍ ଦେଇ ପାରମ୍ପରିକ ବାଦ୍ୟର ମାହୋଲ ସୃଷ୍ଟି କରିବାକୁ କମିଟି କର୍ମକର୍ତ୍ତା ସ୍ଥିର କରିଛନ୍ତି। ଏଥିଲାଗି ମହାରାଷ୍ଟ୍ରର ପ୍ରସିଦ୍ଧ ମୁମ୍ବାଇ ଢୋଲ ଅଣାଯାଉଛି। ଢୋଲ ତାଳରେ ଭସାଣି ଶୋଭାଯାତ୍ରା ଆଗକୁ ବଢ଼ିବ। ଏଥିସହିତ ସମ୍ବଲପୁରୀ ବାଜା, ଘଣ୍ଟକୀର୍ତ୍ତନ ଭଳି ୫ରୁ ଅଧିକ ଦଳ ସାମିଲ୍ ହେବେ। କମିଟିର ପୂଜା ସମ୍ପାଦକ ଇନ୍ଦ୍ରଜିତ ପ୍ରଧାନ, ସୁରଝଙ୍କାର ସେଠୀ, ସଞ୍ଜୀବ ସେଠୀ, ରାଜେଶ ବର୍ଦ୍ଧନ, ଅଭିରାମ ଅଧିକାରୀ, ପ୍ରୀତମ୍ ରଣା, ଯୋଗେନ ରଣା, ଅନନ୍ତ ଚାନ୍ଦ, ଆଲୋକ ପଣ୍ଡା, ଜୟନ୍ତ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବା ପାଇଁ ଦିନରାତି ଏକ କରି ଲାଗିପଡ଼ିଛନ୍ତି।

ଶ୍ୟାମସୁନ୍ଦରପୁର ଯୁବକ ସଂଘର ସଭାପତି ହରେନ୍ଦ୍ର ରଣା କୁହନ୍ତି, ଚଳିତବର୍ଷ ମହାଆଡ଼ମ୍ବର ଓ ନିଆରା ସାଜସଜ୍ଜାରେ ରୌପ୍ୟ ଜୟନ୍ତୀ ପାଳନ କରାଯିବ। ଶ୍ୟାମସୁନ୍ଦରପୁର ଯୁବକ ସଂଘର ସମ୍ପାଦକ ରାଜେଶ ବର୍ଦ୍ଧନ କହନ୍ତି, ବାଲେଶ୍ୱର ଜିଲା ବ୍ୟତୀତ ମୟୂରଭଞ୍ଜ, ଭଦ୍ରକ ଅଞ୍ଚଳର ଲୋକମାନେ ଏଠାକୁ ଦୁର୍ଗାପୂଜା ଦେଖିବାକୁ ଆସିଥାନ୍ତି। ଚଳିତବର୍ଷର ରୌପ୍ୟ ଜୟନ୍ତୀ ଅବସରରେ ପ୍ରସ୍ତୁତ କରାଯାଇଥିବା ନିଆରା ସାଜସଜ୍ଜା, ମୂର୍ତ୍ତି, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ଅଧିକ ଲୋକ ସମାଗମ ହେବାର ସମ୍ଭାବନା ରହିଛି। ସୁରକ୍ଷା ଦୃଷ୍ଟିକୋଣରୁ ପୋଲିସ ପ୍ରଶାସନ ସହିତ ସଂଘର ସଦସ୍ୟମାନେ ଯତ୍ନବାନ ଅଛନ୍ତି। ଗ୍ରାମର ସମସ୍ତ ଅଧିବାସୀ ଏଥିପ୍ରତି ଯଥେଷ୍ଟ ଦାୟିତ୍ୱ ନେଇଛନ୍ତି। ତୋରଣ ଏବଂ ମେଢ଼ ପ୍ରସ୍ତୁତ ହୋଇସାରିଛି। ସାଜସଜ୍ଜା ଚାଲିଛି ଏବଂ ମଙ୍ଗଳବାର ସପ୍ତମୀ ପୂର୍ବାହ୍ନରେ ସମସ୍ତ କାର୍ଯ୍ୟ ଶେଷ ହୋଇଯିବ ବୋଲି ପ୍ରକାଶ କରିଛନ୍ତି।



ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

## ଅଭିଯୋଗ ଶୁଣାଣିରେ ୭୮ ଅଭିଯୋଗ

**ବାଲେଶ୍ୱର ଅଫିସ, ୧୫।୧୦**

ବାଲେଶ୍ୱର ଜିଲାପାଳଙ୍କ ଅଫିସରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୭୮ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ୪୫ଟିର ତତ୍କାଳ ସମାଧାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରିଲଫ୍ ପାଣ୍ଠିରୁ ୫ଜଣ ହିତାଧିକାରୀଙ୍କୁ ୩୫ହଜାର ଟଙ୍କା ଓ ରେଡ଼କ୍ରସ ପାଣ୍ଠିରୁ ଜଣେ ହିତାଧିକାରୀଙ୍କୁ ୨ହଜାର ଟଙ୍କାର ସହାୟତା ମଞ୍ଜୁର କରାଯାଇଛି।

ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏଥିରେ ଉପସ୍ଥିତ ରହି ଜନସାଧାରଣଙ୍କଠାରୁ ଆପତ୍ତି, ଅଭିଯୋଗ ଗ୍ରହଣ କରିଥିଲେ। ମୁଖ୍ୟତଃ ଶିକ୍ଷା, ପେନସନ, ବିଦ୍ୟୁତ, ସମନ୍ୱିତ ଶିଶୁ ବିକାଶ ଯୋଜନା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ରାସ୍ତାଘାଟ, ଜମିବାଡ଼ି, ରାଶନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ବିଜୁପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ଅଭିଯୋଗ ହୋଇଥିଲା। ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର, ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିବେକାନନ୍ଦ ଦାସ, ଉପଜିଲାପାଳ ନୀଲୁ ମହାପାତ୍ର, ଅତିରିକ୍ତ ଜିଲା ପ୍ରକଳ୍ପ ଅଧିକାରୀ ଅଜୟ କୁମାର ସେଠୀ, ଜିଲା ଜରୁରୀକାଳୀନ ଅଧିକାରୀ କମଳାକାନ୍ତ ପଣ୍ଡା, ଆସିଷ୍ଟାଣ୍ଟ କଲେକ୍ଟର ମନୋଜ କୁମାର ସେନାପତିଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଶିବିରରେ ଉପସ୍ଥିତ ରହି ଲୋକମାନଙ୍କ ଅଭିଯୋଗର ଶୁଣାଣି କରିଥିଲେ।



କର୍ମଶାଳାରେ ଉପସ୍ଥିତ ଗ୍ରାମବାସୀଙ୍କୁ ହାତଧୁଆ ଦିବସ ବିଷୟରେ ବୁଝାଯାଉଛି।

## 'ଆମ ହାତ, ଆମ ଭବିଷ୍ୟତ'

**ରୂପ୍‌ସା, ୧୫।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ବାଖରାବାଦ ଶଙ୍ଖୁଆସାହିରେ ସୋମବାର ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଯାଇଛି। ସ୍ୱଚ୍ଛ ଭାରତ ମିଶନ ଆନୁକୂଲ୍ୟରେ ପଞ୍ଚାୟତ ଭାଜପା ପକ୍ଷରୁ 'ଆମ ହାତ, ଆମ ଭବିଷ୍ୟତ' ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ମୋଟିଭେଟର ଭାଗିରଥି ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ସରପଞ୍ଚ କାଳିଚରଣ ଯେନା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଦେବାଶିଷ ମହାପାତ୍ର, ସମିତିସଭ୍ୟା ପ୍ରତିନିଧି ନିରଞ୍ଜନ ମଣ୍ଡଳ ପ୍ରମୁଖ ଯୋଗଦେଇ ଗ୍ରାମର ସମସ୍ତ ମହିଳା, ପୁରୁଷ ଓ ଝିଅପୁଅଙ୍କୁ ଖାଇବା ପୂର୍ବରୁ ଖାଇବା ପରେ, ଶୌଚ ପରେ ସାବୁନ ଓ ପାଣିରେ ହାତ ଧୋଇବାର ବିଭିନ୍ନ ଶୈଳୀ ଶିଖାଇବା ସହ ପାଇଖାନା ବ୍ୟବହାର ଦିଗରେ ଗୁରୁତ୍ୱ ଦେଇଥିଲେ। ହାତ ପରିଷ୍କାର ରହିଲେ ଆମେ କିଭଳି ଭବିଷ୍ୟତରେ ସୁସ୍ଥ ଜୀବନଯାପନ କରିପାରିବା ସେ ଦିଗରେ ଅତିଥିମାନେ ସଚେତନ କରାଇଥିଲେ। ସ୍ୱଚ୍ଛ ରହିବାକୁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା।

### ପୂଜା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା

## ୨୦ ପ୍ଲାଟୁନ ଫୋର୍ସଙ୍କ ଫ୍ଲାଗ୍‌ମାର୍ଚ୍ଚ

**ବାଲେଶ୍ୱର ଅଫିସ,୧୫।୧୦**

ବାଲେଶ୍ୱର ସହର ଦୁର୍ଗା ପୂଜା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି। ଚଳିତବର୍ଷ ସହରରେ ୭୦ ମେଢ଼ରେ ଦୁର୍ଗତୀନାଶିନୀ ମା' ଦୁର୍ଗା ପୂଜା ପାଉଛନ୍ତି। ହଜାର ହଜାର ଲୋକଙ୍କ ସମାଗମକୁ ଲକ୍ଷ୍ୟ ରଖି ପୋଲିସ ପ୍ରଶାସନ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ଫକୀରମୋହନ ଗୋଲେଇରୁ କଚେରୀ ଛକ ପର୍ଯ୍ୟନ୍ତ ନୋ ଭେଇକିଲ୍ ଜୋନ୍ ଭାବେ ଘୋଷଣା କରାଯାଇଛି। ମଙ୍ଗଳବାରଠାରୁ ପ୍ରତ୍ୟେକ ଦିନ ଅପରାହ୍ନ ୪ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଟ୍ରାଫିକ୍ ବ୍ୟବସ୍ଥା କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ହେବାର ସୂଚନା ମିଳିଛି। ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାରଙ୍କ ନେତୃତ୍ୱରେ ବାରମ୍ବାର ଆଲୋଚନା ଏବଂ ବୈଠକ ପରେ ସୋମବାର ପୂର୍ବାହ୍ନ ୧୧ଟାରେ ୨୦ ପ୍ଲାଟୁନ ପୋଲିସ ଫୋର୍ସଙ୍କ ଦ୍ୱାରା ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି।



ସହରରେ ପୋଲିସ ଫୋର୍ସଙ୍କ ଦ୍ୱାରା ଫ୍ଲାଗମାର୍ଚ୍ଚ।

ପୂଜାରେ ସୁରକ୍ଷା ଦୃଷ୍ଟିକୋଣରୁ ୪୦ ପ୍ଲାଟୁନ ଫୋର୍ସ ସମେତ ୧୫୦ ପୋଲିସ ଅଧିକାରୀ ମୁତୟନ ହୋଇଛନ୍ତି। ସେଥିମଧ୍ୟରୁ ୨୪ ଇନ୍ସପେକ୍ଟର, ୧୪ ଡ଼ିଏସ୍‌ପି, ୨ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାମିଲ ଅଛନ୍ତି। ସହରର ବିଭିନ୍ନ ସ୍ଥାନରେ ୧୮ଟି ସିସି କ୍ୟାମେରା ଲଗାଯିବା ସହ ୧୨ଟି ସ୍ଥାନରେ ୨ ଓ ୪ ଚକିଆ ଯାନ ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଛି। ମୁଖ୍ୟ ପୋଷ୍ଟଅଫିସ୍, ବିଏସ୍‌ଏନ୍‌ଏଲ୍ ଅଫିସ୍, କୋର୍ଟ ପରିସର, ମିଶନ ପଡ଼ିଆ, ପରମିଟ୍ ପଡ଼ିଆ, ମ୍ୟୁନିସିପାଲିଟି ଅଫିସ୍, ଦାମୋଦରପୁର ପଡ଼ିଆ, ଇନକମ୍ ଟ୍ୟାକ୍ସ ଅଫିସ୍, ଆର୍‌ଟିଓ ଅଫିସ୍, ସରକାରୀ ଆଇଟିଆଇ କଲେଜ ଓ ହଷ୍ଟେଲ ଏବଂ ଆଇଟିଆଇ ସ୍କୁଲ ପରିସରରେ ଜନସାଧାରଣଙ୍କ ପାଇଁ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ୨ ଓ ୪ଚକିଆ ଯାନ ପାଇଁ ପାର୍କିଂ ବ୍ୟବସ୍ଥା ହୋଇଛି। କ୍ରାଇମ ଡିଏସ୍‌ପି ସୁଦର୍ଶନ ଦାସ, ଟାଉନ ଥାନା ଆଇଆଇସି ସରୋଜିନୀ ନାୟକ, ଟ୍ରାଫିକ୍ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ରଣସିଂହଙ୍କ ତତ୍ତ୍ୱାବଧାନରେ ସୋମବାର ୨୦ ପ୍ଲାଟୁନ ପୋଲିସ ଫୋର୍ସ ସହର ପରିକ୍ରମା କରିଥିଲେ।

## କୁନ୍ତଳା କଲ୍ୟାଣୀ ସାହିତ୍ୟ ସଂସଦର ଶାରଦୀୟ ଆସର

**ଖଇରା,୧୫।୧୦(ଡି.ଏନ.ଏ.)**

କୁନ୍ତଳା କଲ୍ୟାଣି ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶାରଦୀୟ କବିତା ଆସର ରବିବାର ଖଇରା ବ୍ଲକ ଅଧୀନ ଗଣ୍ଡିବେଡସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଲମ୍ବୋଦର ନନ୍ଦ ବିବରଣୀ ପାଠ କରିଥିଲେ। ସାରସ୍ୱତ ସାଧକ ଡ ପଦ୍ମଲୋଚନ ମହାକୁଡ, ଗୀତାରାଣି ଆଇଚ, ଡ. ଶ୍ୟାମସୁନ୍ଦର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସାହିତ୍ୟ ମଣିଷ ସମସ୍ତ ଦୁଶ୍ଚିନ୍ତା ହଟାଇ ଭାବନାକୁ ଶୁଦ୍ଧ କରିଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପରେ କବି ନିରଞ୍ଜନ ପ୍ରସାଦ ବାରିକ ଓ କବୟତ୍ରୀ ସସ୍ମିତା ରାଉତଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ରାମଚନ୍ଦ୍ର ପୃଷ୍ଟି ଅଭିନୟ ଚାତୁରୀ ଦେଖାଇଥିଲେ। କବି ରାଧାଶ୍ୟାମ ପଣ୍ଡା, ବାବାଜୀ ମହାନ୍ତି, କୈଳାସ ପାଣିଗ୍ରାହୀ, ବାବାଜୀ ଚରଣ ଦାଶ, ଓମ୍ ନିତେଶ ରାଉତ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସ୍ନିଗ୍ଧାରାଣି ବେହେରା, କଲ୍ୟାଣୀ ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ। ଶରତ ଚନ୍ଦ୍ର ମହାନ୍ତି କବିତାଗୁଡ଼ିକର ସମୀକ୍ଷା କରିଥିଲେ। କବୟିତ୍ରୀ କୁନ୍ତଳା ମହାରଥା ଧନ୍ୟବାଦ ଅର୍ପଣ କରିଥିଲେ।



ଶାରଦୀୟ କବିତା ଆସରରେ ଉପସ୍ଥିତ କବି ଓ ଲେଖକ।

## ବିଷ ପିଇ ପ୍ରାକ୍ତନ ସେନା କର୍ମଚାରୀଙ୍କ ଆତ୍ମହତ୍ୟା

**ରୂପ୍‌ସା,୧୫।୧୦(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ଗ୍ରାମର ଜଣେ ପ୍ରାକ୍ତନ ସେନା କର୍ମଚାରୀ ରବିବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ମୁକ୍ତିକାନ୍ତ ପାଣି (୫୩)। ସେ ଭାରତୀୟ ସେନା ବିଭାଗରେ ଚାକିରି କରି ଅବସର ନେଇଥିଲେ। ପାରିବାରିକ କଳହକୁ କେନ୍ଦ୍ର କରି ସେ ବିଷ ପିଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସଙ୍ଗେ ସଙ୍ଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ବସ୍ତା ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩୮/୧୮) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

## କାଳିପଦା-ଡଗରା ରାସ୍ତା ମରଣଯନ୍ତା

**ବାଲିଆପାଳ, ୧୫।୧୦(ଡି.ଏନ.ଏ.)**

ବାଲିଆପାଳ-ଡଗରା ପୂର୍ତ୍ତବିଭାଗ ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉପରେ ଦକ୍ଷିଣ ବାଲିଆପାଳର ୧୪ଟି ପଞ୍ଚାୟତର ଲୋକମାନେ ଯା'ଆସ କରନ୍ତି। ପର୍ଯ୍ୟଟନ କେନ୍ଦ୍ର ଡଗରାକୁ ଯିବା ପାଇଁ ଏହା ଏକମାତ୍ର ରାସ୍ତା। ଏହାଛଡା ଚଉମୁଖ ଓ କାଳିପଦାରୁ ଦୈନନ୍ଦିନ ବସ୍ ଯିବା ଆସିବା କରେ। ଏବେ ରାସ୍ତା ସାରା ଖାଲଖମା ହୋଇଥିବା ବେଳେ ଅନେକ ଜାଗାରେ ରାସ୍ତାରୁ ପିଚୁ ଉଠିଯାଇଛି। ଗ୍ରାମବାସୀ ରାସ୍ତା ମରାମତି ନେଇ ପୂର୍ତ୍ତ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ପ୍ରତିକାର ହେଉନାହିଁ। ଏ ବାବଦରେ ପୂର୍ତ୍ତବିଭାଗ ସହ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ପ୍ରସ୍ତାବ ପଠାଯାଇଛି ଅନୁମୋଦନ ଆସିଲେ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି।



କାଳିପଦା-ଡଗରା ରାସ୍ତାରୁ ଗୋଡ଼ି ଉଠିଯାଇଛି।

## ମୃତ ଅମରେଶଙ୍କ ପରିବାରକୁ ସହାୟତା

**ଖଇରା, ୧୫।୧୦(ଡି.ଏନ.ଏ.)**

ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ ନୂଆଗାଁ ଗ୍ରାମର ଅମରେଶ ଚନ୍ଦ୍ର ପାତ୍ର(୩୪) ଗତ ୧୧ ତାରିଖରେ ବାଙ୍ଗାଲୋରରେ କାର୍ଯ୍ୟସ୍ଥଳୀରେ ଅଜଣା ରୋଗରେ ପ୍ରାଣ ହରାଇଥିଲେ। କମ୍ପାନୀର କେତେକ କର୍ମଚାରୀ ଅର୍ଥ ଆଦାୟ କରି ତାଙ୍କ ମୃତଦେହକୁ ଆମ୍ବୁଲାନ୍ସରେ ଘରକୁ ପଠାଇଥିଲେ। ରବିବାର ୧୪ତାରିଖରେ ତାଙ୍କ ଶବ ସଂସ୍କାର କରାଯାଇଥିଲା। ସେ ଘରେ ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ଅନ୍ତେଷ୍ଟିକ୍ରିୟା ପାଇଁ ପତ୍ନୀ ମେନକା, ବୁଢାବାପା ପଞ୍ଚାନନ ସହାୟତା ପାଇଁ ଗ୍ରାମବାସୀଙ୍କୁ ନିବେଦନ କରିଥିଲେ। ଗୁରୁବାର ପୂର୍ବତନ ସମିତିସଭ୍ୟ ନିଳାମ୍ବର ପଣ୍ଡାଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ଗୌତମ ମଲ୍ଲିକ, ରବୀନ୍ଦ୍ର ବାରିକ, ସଞ୍ଜୟ ଲେଙ୍କା, ବିକାଶ ପଣ୍ଡା ଓ ରାମକୃଷ୍ଣ ଚଣ୍ଡ ପ୍ରମୁଖ ରବିବାର ଓ ସୋମବାର ଘର ଘର ବୁଲି ୧୫ହଜାର ଟଙ୍କା ଆଦାୟ କରି ଅମରେଶଙ୍କ ପରିବାରକୁ ପ୍ରଦାନ କରିଛନ୍ତି।



ଅମରେଶଙ୍କ ପରିବାରକୁ ସହାୟତା ଦିଆଯାଉଛି।

## ବାଇକ୍ ଧକ୍କାରେ ଜଣେ ମୃତ

**ଖଇରା, ୧୫।୧୦(ଡି.ଏନ.ଏ.)**

ସୋର-କୁପାରୀ ରାଜ୍ୟ ରାଜପଥର ଖଇରା ଥାନା ଅଧୀନ ମହତୀପୁର ଛକ ନିକଟରେ ୨ ବାଇକ ମଧ୍ୟରେ ଧକ୍କା ହୋଇ ଘଟଣାସ୍ଥଳରେ ଜଣକର ମୃତ୍ୟୁ ଘଟିଛି। ମୃତକ ହେଲେ ବେଣୁଧର ପାତ୍ର। ତାଙ୍କ ଘର ଖଇରା ଥାନା ନହଙ୍ଗ ପଞ୍ଚାୟତ ରଇଁତିରା ଗ୍ରାମରେ।

ସୋମବାର ଅପରାହ୍ନରେ ସୋର ଥାନା କେଦାରପୁର ଗ୍ରାମର ରଙ୍ଗ ମିସ୍ତ୍ରୀ ମନୋରଞ୍ଜନ ନାୟକ ସୁଣ୍ଠିରା ଗ୍ରାମରୁ କାମ ସାରି ନିଜର ବାଇକରେ ମହତୀପୁର ଛକ ଦେଇ ସୋର ଆଡକୁ ଯାଉଥିଲେ। ସୋରରୁ ଖଇରା ଅଭିମୁଖେ ଆସୁଥିବା ବେଣୁଧରଙ୍କ ବାଇକ ସହ ଧକ୍କା ହୋଇଥିଲା। ନିକଟରେ ଛିଡା ହୋଇଥିବା କେତେକ ଯୁବକଙ୍କ ସହାୟତାରେ ବେଣୁଧରଙ୍କୁ ଅଟୋ ଯୋଗେ ଖଇରା ଗୋଷ୍ଠୀକେନ୍ଦ୍ରକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ।

### କାଣ୍ଠ ପଡ଼ି ପ୍ରେମୀଯୁଗଳଙ୍କ ମୃତ୍ୟୁ ଘଟଣା

## ପୃଥକ ସ୍ଥାନରେ ଶବ ସତ୍କାର

**ବାସୁଦେବପୁର, ୧୫।୧୦(ଡି.ଏନ.ଏ.)**

ତିତ୍‌ଲି ପ୍ରଭାବରେ ଗଜପତି ଜିଲାରେ ପ୍ରଭୂତ କ୍ଷୟକ୍ଷତି ହେବା ସହ ଧନଜୀବନ ହାନି ଘଟିଛି। ସେଠାରେ ଶ୍ରମିକ ଭାବେ କାମ କରୁଥିବା ଭଦ୍ରକର ମନ୍ଦାରୀ ଗ୍ରାମର କୌଶଲ୍ୟା ସେଠୀ ଓ ବ୍ରାହ୍ମଣ ଗାଁର ମନୋରଞ୍ଜନ ମହାପାତ୍ରଙ୍କର ମୃତ୍ୟୁ ଘଟିଥିଲା। ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଗୋଟିଏ ଆମ୍ବୁଲାନ୍ସରେ ଗଜପତିରୁ ଭଦ୍ରକ ଜିଲା ବାସୁଦେବପୁରରେ ରବିବାର ସନ୍ଧ୍ୟାରେ ପହଞ୍ଚିଥିଲା। ବ୍ୟବଚ୍ଛେଦ ବେଳେ ପୋଲିସ ଉଭୟଙ୍କୁ ସ୍ୱାମୀସ୍ତ୍ରୀ ବୋଲି ଦର୍ଶାଇଥିଲା। ହେଲେ ଏଠାରେ ଉଭୟ ପରିବାର ଲୋକେ ଏହାକୁ ଖଣ୍ଡନ କରିବା ସହ ପୃଥକ ଭାବେ ମୃତଦେହକୁ ସତ୍କାର କରିଛନ୍ତି।

ଭଦ୍ରକ ଜିଲା ବ୍ରାହ୍ମଣଗାଁର ଯୁବକ ମନୋରଞ୍ଜନ ପୂର୍ବରୁ ବିବାହିତ ଥିଲେ। ତାଙ୍କର ପତ୍ନୀ ଓ ପୁଅ ବ୍ରାହ୍ମଣଗାଁରେ ରହୁଛନ୍ତି। କିନ୍ତୁ ମନୋରଞ୍ଜନ ମନ୍ଦାରୀ ଗ୍ରାମର କୌଶଲ୍ୟାଙ୍କୁ ବିବାହ କରିଥିବା କଥାକୁ ତାଙ୍କ ପରିବାର ଲୋକ ସ୍ୱୀକାର କରିନଥିଲେ। ତେବେ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ିଉଠିଥିବାରୁ ୬ମାସ ପୂର୍ବେ ଦୁହେଁ ଘରୁ ପଳାଇଯାଇ ଗଜପତି ଜିଲା ଜରାବନ୍ଧ ଥାନା ଲାବଣ୍ୟଗଡ଼ ଗ୍ରାମରେ ରହି ଶ୍ରମିକ ଭାବେ କାମ କରୁଥିଲେ। ତିତ୍‌ଲିରେ ଉଭୟଙ୍କର ମୃତ୍ୟୁ ହେବା ପରେ ମୃତଦେହ ବ୍ୟବଚ୍ଛେଦ ହୋଇ ବାସୁଦେବପୁର ଥାନାରେ ପହଞ୍ଚିବା ପରେ ଦୁଇପକ୍ଷ ଆଲୋଚନା କରି ମନୋରଞ୍ଜନଙ୍କ ମୃତଦେହକୁ ତାଙ୍କ ପରିବାର ଲୋକ ବ୍ରାହ୍ମଣ ଗାଁରେ ସତ୍କାର କରିଥିଲେ। କୌଶଲ୍ୟାଙ୍କ ଶବକୁ ତାଙ୍କ ପରିବାର ଲୋକ ମନ୍ଦାରୀ ଗ୍ରାମକୁ ନେଇ ସତ୍କାର କରିଛନ୍ତି। ବାସୁଦେବପୁର ଆଇଆଇସି ଉମାଶଙ୍କର ନାୟକଙ୍କୁ ପଚାରିବାରୁ ଜରାବନ୍ଧ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ସହ ଶବ ବ୍ୟବଚ୍ଛେଦ କରି ଏଠାକୁ ପଠାଯାଇଛି। ଦୁଇ ପରିବାର ମଧ୍ୟରେ ଆଲୋଚନା ପରେ ଶବ ନେଇ ସତ୍କାର କରାଯାଇଛି। ରେଡକ୍ରସ ପାଣ୍ଠିରୁ ଦୁଇ ମୃତକଙ୍କ ସମ୍ପର୍କୀୟଙ୍କୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଥିବା ତହସିଲଦାର ପ୍ରକାଶ ରାଉଳ ସୂଚନା ଦେଇଛନ୍ତି।

■ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳା ମୃତ

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକମାନେ ରାସ୍ତା ଅବରୋଧ କରିଛନ୍ତି।

**ବଡ଼ସାହି,୧୫।୧୦(ସ୍ୱ.ପ୍ର)**

ବଡ଼ସାହି ଥାନା ଅଧୀନ ଖାନୁଆ ଗ୍ରାମର ଜଣେ ମହିଳା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସୋମାବର ସକାଳେ ପ୍ରାଣ ହରାଇଛନ୍ତି। ମହିଳା ଜଣକ ହେଲେ ସାବିତ୍ରୀ ନାଏକ(୪୫)। ସାବିତ୍ରୀ ବିଲକୁ ଘାସ କାଟିବା ପାଇଁ ଯାଇଥିବା ବେଳେ ପୂର୍ବରୁ ଛିଡିପଡିଥିବା ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଯାହାକୁ କେନ୍ଦ୍ରକରି ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ଏହି ଅଘଟଣ ଘଟିଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ମୃତକ ପରିବାରକୁ କ୍ଷତିପୂରଣ ଦାବି କରି ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ୨୨ନମ୍ବର ଜିଲା ପରିଷଦ ଜୋନର ସଦସ୍ୟା ଅଚିନ୍ତାମଣି ସିଂଙ୍କ ନେତୃତ୍ୱରେ ଉତ୍ତେଜିତ ମହିଳାପୁରୁଷ ବାରିପଦା-ଉଦଳା ରାଜ୍ୟ ରାଜପଥର ହାତୀବନ୍ଧା ଛକଠାରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ବଡ଼ସାହି ଥାନାଧିକାରୀ ଜୟନାରାୟଣ ଖଣ୍ଡେଇ ଓ ମାଣତ୍ରୀ ସେକ୍ସନ କନିଷ୍ଠଯନ୍ତ୍ରୀ ସୁମନ୍ତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ବିଭାଗ ପକ୍ଷରୁ ୨୦ହଜାର ଟଙ୍କା ଓ ପଞ୍ଚାୟତ ପକ୍ଷରୁ ହରିଶଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ପ୍ରଦାନ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ବଡ଼ସାହି ଥାନାରେ ଏକ ମାମଲା ରୁଜୁ ହେବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ତଦନ୍ତ ଜାରି ରଖିଛି।

# ୨ ବାଇକ୍ ଧକ୍କା, ୫ ଆହତ

**ବେତନଟୀ, ୧୫।୧୦(ଡ଼ି.ଏନ.ଏ.)**

ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ୧୮ ନଂ ଜାତୀୟ ରାଜପଥରେ ସୋମବାର ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହେବାରୁ ୫ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବାଲେଶ୍ୱର ଜିଲା ଆରମଳା ଗ୍ରାମର ନାଥ ସିଂ , ସୁକାନ୍ତ ସିଂ, ମୟୂରଭଞ୍ଜ ଜିଲା ବମ୍ଫେ ଛକର ପ୍ରଶାନ୍ତ ମଣ୍ଡଳ , ତାଙ୍କ ପତ୍ନୀ ବିଜୟତା ବେହେରା ଓ ତାଙ୍କର ଏକ ଶିଶୁ କନ୍ୟା। ପ୍ରଶାନ୍ତ ସ୍ତ୍ରୀ ଓ ଝିଅ ସହ ବାଇକ୍‌ରେ ବମ୍ଫେଛକରୁ ବେତନଟୀ ନିକଟ ଉଦିପୁରା ଗ୍ରାମସ୍ଥିତ ଶ୍ୱଶୁର ଘରକୁ ଯାଉଥିଲେ। ବେତନଟୀ ଡ଼ାକ୍ତରଖାନା ନିକଟରେ ପଛପଟୁ ଏକ ବାଇକ ଆସି ତାଙ୍କୁ ଧକ୍କା ଦେଇଥିଲା। ଏହି ୫ ଜଣଙ୍କୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ସମୁଦ୍ର କୂଳରୁ ଗଳିତ ଶବ ଉଦ୍ଧାର

**ରୂପ୍‌ସା, ୧୫।୧୦(ଡି.ଏନ.ଏ.)**-ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ସାମୁଦ୍ରିକ ଥାନା ପୋଲିସ ସୋମବାର ବଗଦା ଗାଁ ନିକଟ ସମୁଦ୍ର କୂଳରୁ ଏକ ଗଳିତ ଶବ ଉଦ୍ଧାର କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୪/୧୮) ରୁଜୁ ହୋଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତେବେ ଏହି ଶବ ମହିଳା କି ପୁରୁଷଙ୍କର ତାହା ଜଣାପଡ଼ି ନାହିଁ। ମୁଣ୍ଡରେ ଅଧା ଖପୁରୀ ନାହିଁ। ଶରୀରର ଅଧିକାଂଶ ଅଙ୍ଗ ପ୍ରତ୍ୟଙ୍ଗରେ ମଧ ମାଂସ ନ ଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଗ୍ରାମବାସୀ ସମୁଦ୍ରକୂଳରେ ଏହି ଶବ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଆଇଆଇସି ରୋଜାଲିନ ବେହେରା ଏ ନେଇ ତଦନ୍ତ ଜାରି ରଖିଛନ୍ତି।

# କାନ୍ଥ ଭୁଶୁଡି ବୃଦ୍ଧ ମୃତ

**ବାଲେଶ୍ୱର ଅଫିସ, ୧୫।୧୦**

ରବିବାର ବିଳମ୍ବିତ ରାତିରେ ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ପାଖରାବାଡ଼ ଗାଁର ଗୋକୁଳି ବେହେରା (୬୦) ନାମକ ବୃଦ୍ଧଙ୍କ କାନ୍ଥ ପଡ଼ି ମୃତ୍ୟୁ ଘଟିଛି। ସେ ରାତିରେ ଘରେ ଶୋଇଥିବା ବେଳେ ଏହି ଘଟଣା ଘଟିଥିଲା। ଗତ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଘରର ମାଟି କାନ୍ଥ ଭିଜି ରହିଥିଲା। ବିଳମ୍ବିତ ରାତିରେ ହଠାତ୍ କାନ୍ଥ ଭୁଶୁଡ଼ି ତାଙ୍କ ଉପରେ ପଡ଼ିଥିଲା। କାନ୍ଥ ପଡ଼ିବା ଶବ୍ଦ ଶୁଣି ପରିବାର ଲୋକେ ମାଟି କାନ୍ଥ ତଳୁ ତାଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ବର୍ଷା ଯୋଗୁ ରାସ୍ତା ଯୋଗାଯୋଗ ଖରାପ ଥିବା ଓ ତାଙ୍କ ମୃତ୍ୟୁ ଘଟିଥିବା ଜାଣିବା ପରେ ପରିବାର ଲୋକେ ତାଙ୍କୁ ଡାକ୍ତରଖାନାକୁ ଆଣି ନ ଥିଲେ। ଏନେଇ ପରିବାର ଲୋକେ ସୋମବାର ପୋଲିସକୁ ସୂଚନା ଦେଇଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ



### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଡ୍ରାଇଭରଙ୍କ ମୃତ୍ୟୁ

**ବଡ଼ବିଲ, ୧୫।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଅନ୍ତର୍ଗତ ଆରପି ସାଓ ଖଣି ନିକଟରେ ଏକ ଦୁର୍ଘଟଣା ଘଟିଛି। ହାଇଭା ଗାଡ଼ିରେ ୧୧ କେଭି ବିଦ୍ୟୁତ୍ ତାର ଲାଗି ଯିବାରୁ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଉଖୁଣ୍ଡା ଅଞ୍ଚଳର ବାହାଦୂର ନାଏକ। ରବିବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଥିବା ନେଇ ସୂଚନା ମିଳିଛି। ଖାଲି ଗାଡି ଓଜନ କରିବା ପୂର୍ବରୁ ଡାଲା ଉଠାଇବା ବେଳେ ଉପରେ ଥିବା ୧୧ କେଭି ବିଦ୍ୟୁତ୍ ତାରରେ ଲାଗି ଯାଇଥିଲା। ଫଳରେ ଗାଡିର କେତେକ ଅଂଶ ପୋଡି ହୋଇଯାଇଛି।

### ବେଆଇନ ଟଙ୍କା ବଣ୍ଟନ ନେଇ ଚଢ଼ାଉ

**ଯୋଡ଼ା, ୧୫।୧୦(ଡି.ଏନ.ଏ.):** ବେଆଇନ ଭାବେ ଲୋକଙ୍କୁ ଟଙ୍କା ବଣ୍ଟନ କରାଯାଉଥିବାରୁ ବାମେବାରୀ ପୋଲିସ ଖବର ପାଇ ବିଭିନ୍ନ ରାଜନୈତିକ ବ୍ୟକ୍ତିଙ୍କ ଘରେ ଚଢ଼ାଉ ଆରମ୍ଭ କରିଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଜଣେ ରାଜନେତାଙ୍କ ନିର୍ଦ୍ଦେଶକ୍ରମେ ସମର୍ଥକମାନେ ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଭୋଟରମାନଙ୍କୁ ପ୍ରଭାବିତ କରିଛନ୍ତି। ରବିବାର ପୋଲିସ ସଦଳବଳେ ଜୁରୁଡ଼ି, ଲଙ୍ଗାଲଟା ଓ କମଳପୁର ଗ୍ରାମରେ ତିନି ଜଣ ସମର୍ଥକଙ୍କ ଘରେ ଚଢ଼ାଉ କରିଥିଲା। ଏ ସମ୍ପର୍କରେ ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତିଙ୍କୁ ପଚାରିବାରୁ ଚଢ଼ାଉ ସମୟରେ ଟଙ୍କା ବଣ୍ଟନ ନେଇ କୌଣସି ପ୍ରମାଣ ପୋଲିସ ପାଇ ନ ଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଆଗକୁ ଏହି ଚଢ଼ାଉ ଜାରି ରହିବ ବୋଲି ସେ କହିଛନ୍ତି।

### ପାରିବାରିକ କଳିରୁ ଯୁବକଙ୍କ ଆତ୍ମହତ୍ୟା

**ଯୋଡ଼ା, ୧୫।୧୦(ଡି.ଏନ.ଏ.):** ବାମେବାରୀ ଥାନା ଜଗନ୍ନାଥପୁର ଗ୍ରାମରେ ପାରିବାରିକ କଳିକୁ କେନ୍ଦ୍ରକରି ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ମିନୁ ମାଝି। ସୋମବାର ସକାଳେ ଉକ୍ତ ଗ୍ରାମର ମିନୁ ମାଝୀ (୩୫) ତାଙ୍କ ସ୍ତ୍ରୀ ଟୁରୀଙ୍କ ମଧ୍ୟରେ କଳହ ହୋଇଥିଲା। ମିନୁ ରାଗି ଯାଇ ଗ୍ରାମ ନିକଟସ୍ଥ ବୈତରଣୀ କୂଳରେ ଥିବା ଏକ ଆମ୍ବ ଗଛରେ ଗାମୁଛା ସାହାଯ୍ୟରେ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ଖବର ପାଇ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଏକ ଅପମୃତ ମାମଲା ରୁଜୁ ହୋଇଥିବା ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

### ସହାୟତାର ହାତ ବଢ଼ାଇଲା ପ୍ରଶାସନ

**ରାଇସୁଆଁ, ୧୫।୧୦(ଡି.ଏନ.ଏ.):** କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ନୟାକୋର୍ଟ ପଞ୍ଚାୟତ ଶାଗପାଳି ଗ୍ରାମର ଦମ୍ପତି ଜ୍ୟାମସେନ ମୁଣ୍ଡା ଏବଂ ଶାନ୍ତିଙ୍କ ୯ ମାସର ଶିଶୁର ମୁହଁରେ ଅସ୍ୱାଭାବିକ ଭାବେ ଏକ ମାଂସ ପିଣ୍ଡୁଳା ବୃଦ୍ଧି ପାଉଛି। ଶିଶୁଟି ଅତ୍ୟନ୍ତ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏ ନେଇ ଧରିତ୍ରୀରେ ସୋମବାର 'ମୁହଁରେ ବଢୁଛି ମାଂସ ପିଣ୍ଡୁଳା' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ସୋମବାର ଆରବିଏସକେ ସହାୟତାରେ ସ୍ଥାନୀୟ ଜିଲାପରିଷଦ ସଭ୍ୟ ଏବଂ କେତେ ଜଣ ସାମାଜିକକର୍ମୀଙ୍କ ସହଯୋଗରେ ଶିଶୁର ଚିକିତ୍ସା ବ୍ୟବସ୍ଥା କରାଯାଇଥିବା ଜଣାପଡିଛି।

### କଂଗ୍ରେସର ସାଙ୍ଗଠନିକ ବୈଠକ

**ତେଲକୋଇ, ୧୫।୧୦(ଡି.ଏନ.ଏ.):** ତେଲକୋଇ ବ୍ଲକ ୧୯ ନମ୍ବର ଜିଲାପରିଷଦ ଜୋନର ଦେଉଳଡିହା ପଞ୍ଚାୟତ ମୁଖ୍ୟାଳୟରେ କଂଗ୍ରେସର ସାଙ୍ଗଠନିକ ବୈଠକ ହୋଇଯାଇଛି। ଉକ୍ତ ବୈଠକରେ ବୁଥ କମିଟି ଗଠନ ନେଇ ସମୀକ୍ଷା କରାଯାଇଥିଲା। କଂଗ୍ରେସ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ମୋହନ ମେମ୍ବ୍ରମ ସମେତ ବ୍ଲକ ସଭାପତି ସାରଙ୍ଗ ଧର ପ୍ରଧାନ, ଆଇନଜୀବୀ ନରାୟଣ ପ୍ରଧାନ ସାମିଲ ହୋଇଥିଲେ।

# ବିପଦ ମୁହଁରେ ଜୀବନ

**ଆନନ୍ଦପୁର,୧୫।୧୦(ସ୍ୱ.ପ୍ର.)**



ପିଲାର ଦବି ଥିବା ସ୍ଥାନରେ ଜଏଣ୍ଟରେ ଗ୍ୟାପ ସୃଷ୍ଟି ହୋଇଛି।

**ପ୍ରଶାସନର ଅବହେଳା**
- ଦୁର୍ବଳ ହେଉଛି ବୈତରଣୀ ସେତୁ
- କଟକଣା ସତ୍ତ୍ୱେ ଚାଲିଛି ଭାରିଯାନ
- ବେରିଂ ଖସିବା ପରେ ସ୍ଥାୟୀ ମରାମତି ଶୂନ

ଆନନ୍ଦପୁରର ବୈତରଣୀ ସେତୁ ୪ ମାସ ହେଲା ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେତୁର ଗୋଟିଏ ପାର୍ଶ୍ୱର ପିଲାରରୁ ବ୍ୟାରିଂ ଖସିବା ପରେ ଗୋଟିଏ ସ୍ପାନ୍ ଦବି ଯାଇଛି। ଘଟଣା ସମ୍ପର୍କରେ ବିଭାଗୀୟ ଉଚ୍ଚ ପଦାଧିକାରୀ ସେତୁର ସ୍ଥିତି ଅନୁଧ୍ୟାନ କରିଥିବା ବେଳେ ସେତୁ ପ୍ରତି ବିପଦ ରହିଥିବା ଅନୁଭବ କରିଥିଲେ। ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ସହ ସେତୁର ସମସ୍ତ ସ୍ପାନ୍ ଗୁଡିକୁ କିପରି ମରାମତି କରାଯାଇପାରିବ ସେନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ସେତୁପ୍ରତି ଥିବା ବିପଦକୁ ହୃଦବୋଧ କରି ଏଥିରେ ଓଭର ଲୋଡ ଟିପ୍ପର, ବାଲି ଗାଡି ସହିତ ଅନ୍ୟ ଭାରିଯାନା ଚଳାଚଳ ଦିଗରେ କଟକଣା ଲଗାଇଥିଲେ। ସୂଚନା ଫଳକ ବି ଲଗାଯାଇଥିଲା। ଭାରିଯାନ ଚଳାଚଳ ଦିଗରେ ରୋକ ଲଗାଯାଇପାରି ନ ଥିଲା। ଅନ୍ୟପଟେ ବ୍ୟାରିଂ ଖସିଥିବା ସ୍ଥାନରେ କାଠ ଗୋଲା ଦିଆଯାଇ ଅସ୍ଥାୟୀ ମରାମତି କରାଯାଇଥିଲା। ଅବାଧରେ ଭାରିଯାନ ଚଳାଚଳ ଯୋଗୁଁ ସେତୁର ଅବସ୍ଥା ଧୀରେ ଦୁର୍ବଳ ହେବାକୁ ବସିଛି। ବ୍ୟାରିଂ ଖସିଥିବା ସ୍ଥାନର ଜଏଣ୍ଟ ଜାଗାରେ ଗ୍ୟାପ୍ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ଏବେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅଶଙ୍କା ବୃଦ୍ଧି ପାଇବା ସହ ସେତୁ ଭୁଶୁଡିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଏଭଳି କ୍ଷେତ୍ରରେ ବିଭାଗୀୟ ଅଧିକାରୀ ତୁରନ୍ତ ସେତୁର ମରାମତି ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ସେତୁ ପ୍ରତି ବିପଦ ଘନେଇ ପାରେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ସୂଚନାଯୋଗ୍ୟ, ଘସିପୁରା ଓ ଆନନ୍ଦପୁର ସହ ଯୋଗାଯୋଗ ପାଇଁ ଡଙ୍ଗା ଏକମାତ୍ର ମାଧ୍ୟମ ରହିଥିଲା। ଆନନ୍ଦପୁରବାସୀ ଏକ ସେତୁ ନିର୍ମାଣ ଦାବିରେ ୧୯୭୮ରେ ଉଦ୍ୟମ ଆରମ୍ଭ କରିଥିଲେ। ଧାରଣା ଓ ଅନସନ ପରେ ଆନନ୍ଦପୁରଠାରେ ବୈତରଣୀ ଉପରେ ସେତୁ ନିର୍ମାଣ ହେବା ପାଇଁ ମୋହର ଲାଗିଥିଲା। ୧୯୮୦ ମସିହାଠାରୁ ସେତୁର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୯୮୫ରେ ସେତୁ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ଏବେ ସେତୁପ୍ରତି ସୃଷ୍ଟି ହୋଇଥିବା ଆକସ୍ମିକ ବିପଦକୁ ନେଇ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡ଼ିଛନ୍ତି। ଅନ୍ୟପଟେ ସେତୁର ମରାମତି କାର୍ଯ୍ୟ ତ୍ୱରାନ୍ୱିତ ହେଉ ନ ଥିବାରୁ ବୈତରଣୀ ଉପରେ ଆଉ ଏକ ଦୁଇ ଥାକିଆ ସେତୁ ପାଇଁ ସ୍ଥାନୀୟ ମା' ଧନେଇ କମିଟି ଓ ଆନନ୍ଦପୁର ଶିକ୍ଷିତ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ସ୍କୁଲ ପାଚେରି ଭୁଶୁଡ଼ିଲା



ଭୁଶୁଡି ପଡିଥିବା ବିଦ୍ୟାଳୟର ପାଚେରି।

**କୋଳିମାଟି, ୧୫।୧୦**

ଆନନ୍ଦପୁର ବ୍ଲକ କୋଳିମାଟି ସ୍ୱପ୍ନେଶ୍ୱର ଆଦିବାସୀ ଉଚ୍ଚ ବିଦ୍ୟାଳୟର ପାଚେରି 'ତିତ୍‌ଲି' ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଭୁଶୁଡି ପଡିଛି। ପାଚେରି ନିର୍ମାଣର ୨ ବର୍ଷ ନ ପୁରୁଣୁ ଭାଙ୍ଗି ଯାଇଛି। ଏ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦ ନଂ ଜାତୀୟ ରାଜପଥ ରାସ୍ତା ନୂତନ ନିର୍ମାଣ କରାଗଲା ସମୟରେ ପୁରୁଣା ପାଚେରି ଓ ବିଦ୍ୟାଳୟ ଗୃହ ଭଙ୍ଗା ଯାଇ ପରେ ନୂତନ ଭାବେ ନିର୍ମାଣ କରାଯାଇଥିଲା। ରାସ୍ତା କାମ ନେଇଥିବା ଗାୟତ୍ରୀ କମ୍ପାନୀର ଖାମଖିଆଲି ମନୋଭାବାରୁ ସ୍କୁଲ ପାଚେରି ଭୁଶୁଡି ପଡିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକ ବିଦ୍ୟାଳୟର ସୁରକ୍ଷା ପାଇଁ ପାଚେରି ନିର୍ମାଣ କରିବାକୁ ଦାବି କରିଛନ୍ତି।

## 'ମଧୁମେହ'କୁ ରୋକା ଯାଇପାରିବ'

**କେନ୍ଦୁଝର, ୧୫।୧୦(ସ୍ୱ.ପ୍ର)**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ସ୍ଥାନୀୟ କାଳୀପଡ଼ିଆଠାରେ ଚାଲିଥିବା 'ମଧୁମେହ ଉପରେ ବିଜୟ' ଶୀର୍ଷକ ଦୁଇ ଦିନିଆ ଶିକ୍ଷା, ସଚେତନତା ଓ ନିରାକରଣ ଶିବିର ରବିବାର ଉଦ୍‌ଯାପିତ ହୋଇଛି। ଗ୍ଲୋବାଲ ହସ୍ପିଟାଲ, ମାଉଣ୍ଟଆବୁରୁ ଆସିଥିବା ଖ୍ୟାତି ସମ୍ପନ୍ନ ମଧୁମେହ ବିଶେଷଜ୍ଞ ବ୍ରହ୍ମାକୁମାର ଡା. ଶ୍ରୀମନ୍ତ କୁମାର ସାହୁ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଖାଦ୍ୟ ଓ ଜୀବନଶୈଳୀର ପରିବର୍ତ୍ତନ ସହ ସକାରାତ୍ମକ ଚିନ୍ତନ ଏବଂ ନିୟମିତ ବ୍ୟାୟାମ ତଥା ରାଜଯୋଗ ଅଭ୍ୟାସ ଦ୍ୱାରା ମଧୁମେହ ରୋଗ ଉପରେ ନିୟନ୍ତ୍ରଣ ପ୍ରାପ୍ତ କରିହେବ ବୋଲି ଗୁରୁତ୍ୱାରୋପ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁଝର ସହର ଓ ଆଖପାଖ ଅଞ୍ଚଳରୁ ପ୍ରାୟ ୧୫ଶହରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କେନ୍ଦୁଝର ସେବାକେନ୍ଦ୍ରର ସଞ୍ଚାଳିକା ବ୍ରହ୍ମାକୁମାରୀ ବିନ୍ଦୁଙ୍କ ସମେତ ବ୍ରହ୍ମାକୁମାରୀ ଜୟନ୍ତୀ, ବ୍ରହ୍ମାକୁମାରୀ ସରୋଜିନୀ, ବ୍ରହ୍ମାକୁମାରୀ ପାର୍ବତୀ, ବ୍ରହ୍ମାକୁମାରୀ ମିନତୀ, ବ୍ରହ୍ମାକୁମାରୀ ସଞ୍ଜୁ, ବ୍ରହ୍ମାକୁମାରୀ ସୌଦାମିନୀ, ବ୍ରହ୍ମାକୁମାରୀ ପ୍ରତିଭା, ପ୍ରତିମା, ଜୟନ୍ତୀ ପ୍ରମୁଖ ପରିଚାଳନା କରିଥିଲେ। ସେବାକେନ୍ଦ୍ରର ଅନ୍ୟ ବ୍ରହ୍ମାକୁମାର ଓ ବ୍ରହ୍ମାକୁମାରୀ ଭଉଣୀଭାଇ ସହଯୋଗ କରିଥିଲେ।

▪ ହତ୍ୟାକାରୀଙ୍କୁ ଗିରଫ ଦାବି

## ଥାନା ସମ୍ମୁଖରେ ମହିଳାଙ୍କ ଧାରଣା

**ପାଟଣା, ୧୫।୧୦(ସ୍ୱ.ପ୍ର.)**



ଥାନା ସମ୍ମୁଖରେ ମହିଳାମାନେ ଧାରଣା ଦେଇଛନ୍ତି।

ପାଟଣା ବ୍ଲକ ତୁରୁମୁଙ୍ଗା ଥାନା ସମ୍ମୁଖରେ ସୋମବାର ସ୍ୱୟଂସହାୟିକା ଗୋଷ୍ଠୀର ଶତାଧିକ ମହିଳା ଧାରଣା ଦେଇଥିଲେ। ଦିବାକର ନାଏକଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବିରେ ଧାରଣା ଦିଆଯାଇଥିଲା। ଖିରେଇଟାଙ୍ଗିରି ପଞ୍ଚାୟତ ଡଳଙ୍ଗ ଗ୍ରାମ ରାସ୍ତା ପାର୍ଶ୍ୱ ପୋଖରୀରୁ ଗତ ସେପ୍ଟେମ୍ବର ୨୪ରେ ଜମୁନାପସି ଗ୍ରାମର ଦିବାକରଙ୍କ ସନ୍ଦେହ ଜନକ ଭାବେ ମୃତଦେହ ଉଦ୍ଧାର ହୋଇଥିଲା। ଦିବାକରଙ୍କୁ କେହି ମାରିଦେଇଥିବା ନେଇ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ତାଙ୍କ ସ୍ତ୍ରୀ ଅଭିଯୋଗ କରିଥିଲେ। ଏଥି ମଧ୍ୟରେ ୨୧ ଦିନ ବିତି ଯାଇଥିଲେ ହେଁ ହତ୍ୟାକାରୀକୁ ଗିରଫ କରିବାରେ ପୋଲିସ ସଫଳ ନ ହେବାରୁ ଶତାଧିକ ମହିଳାଙ୍କ ସହ ଦିବାକରଙ୍କ ସ୍ତ୍ରୀ ଜୟନ୍ତୀ ଧାରଣାରେ ବସିଥିଲେ।

ଆଇନ ଶୃଙ୍ଖଳା ଦୃଷ୍ଟିରୁ ଘଟଣାସ୍ଥଳରେ ୧ ପ୍ଲାଟୁନ ପୋଲିସି ଫୋର୍ସ ମୁତୟନ କାରାଯାଇଥିଲା। ତୁରୁମୁଙ୍ଗା ଥାନା ଧିକାରୀ ବିଜୟକୃଷ୍ଣ ମହାପାତ୍ରଙ୍କୁ ପଚାରିବାରୁ ଦିବାକରଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ପାଣିରେ ବୁଡି ମରିଥିବା ସୂଚନା ମିଳିଛି ବୋଲି ସେ କହିଛନ୍ତି। ପରେ ପୋଲିସ ପ୍ରଶାସନ ପକ୍ଷରୁ ଉକ୍ତ ମାମଲାର ପୁଣି ବିଚାର କରାଯିବାର ପ୍ରତିଶ୍ରୁତି ମିଳିବା ପରେ ମହିଳାମାନେ ଧାରଣାରୁ ଉଠିଥିଲେ।

## ଦାବି ପୂରଣ ଲାଗି ଜିଲାପାଳଙ୍କୁ ସ୍ମାରକପତ୍ର

**ଆନନ୍ଦପୁର,୧୫।୧୦(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ ଫକୀରପୁର ଯୁବକ ସଂଘ, ପୂରାତନ ଛାତ୍ର ସଂଘ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ପୁଣି ଥରେ ଗ୍ରାମରେ ଥିବା ଉଚ୍ଚ ବିଦ୍ୟାଳୟ ଓ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ସମସ୍ୟାର ସମାଧାନ ପାଇଁ ଦାବି ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନେ ଭୋଗୁଥିବା ସମସ୍ୟା, ଡାକ୍ତରଙ୍କ ଅଭାବ, ଅନ୍ୟ କର୍ମଚାରୀ ଅଭାବ, ମାଗଣା ଔଷଧ ବଣ୍ଟନଜନିତ ସମସ୍ୟା, ରୋଗୀ ଶଯ୍ୟା ସମ୍ପର୍କରେ ଯୁବକ ସଂଘର ସଦସ୍ୟମାନେ ଘସିପୁରା ବ୍ଲକ ଜିଲାପାଳ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ କରିଥିଲେ। ଫକୀରପୁର ଉଚ୍ଚ ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ, ଲାଇବ୍ରେରୀର ଅଭାବ, ଶିକ୍ଷା କର୍ମଚାରୀଙ୍କ ଅଭାବ ଜନିତ ଘଟଣାକୁ ନେଇ ଜିଲାପାଳ ଆସିଷ ଠାକରେଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ।

ଘଟଣା ସମ୍ପର୍କରେ ଜିଲାପାଳ ଖୁବ ଶୀଘ୍ର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ମୋ ସ୍କୁଲ କମିଟିର ଚେୟାରମ୍ୟାନ ମାଧବାନନ୍ଦ ପଣ୍ଡା, ଯୁବକ ସଂଘର ସଭାପତି ଦିବ୍ୟରଞ୍ଜନ ସେଠୀ, ସମ୍ପାଦକ ଜିତେନ୍ଦ୍ର ନାହାକ, ରୁଦ୍ର ନାରାୟଣ ଦାସ, ପ୍ରଦୀପ ସାହୁ, ରବିନାରାୟଣ ପଣ୍ଡା ପ୍ରମୁଖ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ଏହିସବୁ ସମସ୍ୟା ଦିଗରେ ଦୃଷ୍ଟି ନିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଯୁବକ ସଂଘ ପକ୍ଷରୁ କୁହାଯାଇଛି।

## ଭାଜପା ଯୁବମୋର୍ଚ୍ଚାର କର୍ମଶାଳା



କର୍ମଶାଳାରେ ଯୋଗ ଦେଇଥିବା ଭାଜପା ଯୁବମୋର୍ଚ୍ଚାର କର୍ମକର୍ତ୍ତା।

**କେନ୍ଦୁଝର, ୧୫।୧୦(ସ୍ୱ.ପ୍ର.)**

କେନ୍ଦୁଝରର ଏକ ହୋଟେଲ ସଭାଗୃହରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମିଶନ ନୂଆ ଓଡ଼ିଶା ୟୁଥ୍ କୋଅର୍ଡିନେଟର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଦର ନିର୍ବାଚନ ମଣ୍ଡଳୀ ଯୁବମୋର୍ଚ୍ଚା ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ହେମରଞ୍ଜନ ବାରିକ ଯୋଗଦେଇ ୧୮ ବର୍ଷରୁ ଉର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ନୂତନ ମତଦାତା ଭାବେ ସଂଯୋଗୀକରଣ କରିବା, ଭାଜପା ଦଳର ବିଚାରଧାରା ଓ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମରେ ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ବ୍ରଜକିଶୋର ରାୟ ସଭା ପରିଚାଳନା କରିଥିଲେ। ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମଲ୍ଲିକ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ସଞ୍ଜୟ ମହାନ୍ତି, ଭାଜପା ଜିଲା ସାଧାରଣ ସମ୍ପାଦକ ସୁବ୍ରତ ମହାନ୍ତି, ପୂର୍ବତନ ସଦର ବିଧାୟକ ମୋହନ ଚରଣ ମାଝି, କେନ୍ଦୁଝର ନଗର ସଭାପତି ଗୋପୀନାଥ ରାମ, କିରଣବାଳା ନାୟକ, ଭାରତ ଭୂଷଣ କୁଅଁରଙ୍କ ସହ ସଦର ନିର୍ବାଚନ ମଣ୍ଡଳୀର ବହୁ କର୍ମୀ ଯୋଗ ଦେଇଥିଲେ।

▪ ଫୁଟବଲ ମ୍ୟାଚ୍ ଉଦ୍‌ଯାପିତ

## ମହିଳାରେ ହରିଚନ୍ଦନପୁର, ପୁରୁଷରେ ପାଟଣା ଚାମ୍ପିୟନ

**ପାଟଣା, ୧୫।୧୦(ସ୍ୱ.ପ୍ର.)**

ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମପାଟଣା ଆନୁକୂଲ୍ୟରେ ପାଟଣା ମୁଖ୍ୟାଳୟ ସ୍ଥିତ ଷ୍ଟାଡିୟମରେ ଚାଲିଥିବା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ୩ ଦିନିଆ ଫୁଟବଲ ମ୍ୟାଚ ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀରେ ସ୍ଥାନୀୟ ମହାବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ମାଧବାନନ୍ଦ ପୃଷ୍ଟି, ସମ୍ମାନିତ ଅତିଥି କେନ୍ଦୁଝର ଏନସିସି ଅଧିକାରୀ ଆର. ମାଝି, ଅଧ୍ୟାପକ ଜଗନ୍ନାଥ ମହାନ୍ତ, ହଳଧର ସାହୁ ଓ ପ୍ରଫୁଲ୍ଲ ବେଜ ପ୍ରମୁଖ ଯୋଗ ଦେଇଥିଲେ। ଦୈତ୍ୟାରି ମହାନ୍ତ ଖେଳର ଧାରାବିବରଣୀ ଦେଇଥିଲେ। ଫୁଟବଲ ମ୍ୟାଚରେ ମୋଟ ୧୦ ପୁରୁଷ ଓ ୨ ମହିଳା ଦଳ ଅଂଶଗ୍ରହଣ କରିଥିଲେ। ୧୨ ଦଳ ମଧ୍ୟରୁ ନିର୍ବାଚିତ ୧୬ ଖେଳାଳି ଆଗାମୀ ୨୫ରେ ସମ୍ବଲପୁରରେ ହେବାକୁ ଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତାରେ ଭାଗନେବେ।

ସୋମବାର ପୁରୁଷ ବିଭାଗରେ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣା ୧-୦ ଗୋଲରେ ଉଦଳା ମହାବିଦ୍ୟାଳୟକୁ ପରାଜିତ କରିଥିଲା। ମହିଳା ବର୍ଗରେ ହରିଚନ୍ଦନପୁର ବିବିକ ମହାବିଦ୍ୟାଳୟ ୨-୦ଗୋଲରେ ପାଟଣା ମହାବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ବିଜୟୀ ଓ ରନର୍ସଅପ ଦଳକୁ ସିଲ୍‌ଡ ଓ ମାନପତ୍ର ଦେଇ ଅତିଥି ସମ୍ମାନିତ କରିଥିଲେ। ରେଫରି ଭାବେ ସନ୍ତୋଷ ଦାସ, ରତ୍ନାକର ମହାନ୍ତ, ଆକବର ଖାଁ ଓ ପ୍ରମୋଦ କୁମାର ଭଞ୍ଜଦେଓ ଖେଳ ପରିଚାଳନା କରିଥିଲେ।

## ଜିଲାପାଳଙ୍କୁ ଗାଁ ସାଥୀଙ୍କ ଦାବିପତ୍ର

**କେନ୍ଦୁଝର, ୧୫।୧୦(ସ୍ୱ.ପ୍ର.)**

ପଞ୍ଚାୟତିରାଜ ବିଭାଗ ଦ୍ୱାରା ପରିଚାଳିତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ସାମିଲ ପାଇଁ ଗାଁ ସାଥୀ(ମେଟ) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଯୋଜନାରେ କାମ କରୁଥିବା ଗାଁ ସାଥୀମାନଙ୍କ ସବିଶେଷ ତଥ୍ୟ ୩୦ ଅଗଷ୍ଟ ୨୦୧୮ ସୁଦ୍ଧା ପ୍ରଦାନ ପାଇଁ ସରକାରଙ୍କ ନିର୍ଦ୍ଦେଶ ଥିଲେ ହେଁ ଜିଲାର କୌଣସି ବ୍ଲକରୁ ରିପୋର୍ଟ ଦିଆଯାଇ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଏ ନେଇ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି ହେଉଛି।

ବିଭିନ୍ନ ବ୍ଲକରେ ହେଉଥିବା ବିଭିନ୍ନ ଲାଇନ ବିଭାଗ କାର୍ଯ୍ୟରେ ଗାଁ ସାଥୀମାନଙ୍କୁ ଅଗ୍ରାଧିକାର ଦେବାକୁ ସରକାରୀ ଆଦେଶ ଥିଲେ ହେଁ ଦିଆଯାଉ ନ ଥିବାରୁ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ୭ ଦିନ ମଧ୍ୟରେ କାର୍ଯ୍ୟକାରୀ କରା ନ ଗଲେ ବାଧ୍ୟ ହୋଇ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗାଁ ସାଥୀଗଣ।

# ଆସୁଛନ୍ତି ମା': ଝୁମ୍ପୁରା ଚଳଚଞ୍ଚଳ

**ଝୁମ୍ପୁରା, ୧୫।୧୦(ଡି.ଏନ.ଏ.)**



ନିର୍ମାଣ ହୋଇଥିବା ଆକର୍ଷଣୀୟ ତୋରଣ।

**୪୫ ବର୍ଷରେ ଦୁର୍ଗାପୂଜା**
- ଆଜି ମହାସପ୍ତମୀ
- ପୂଜା ଲାଗି ପ୍ରସ୍ତୁତି ଶେଷ

ଆସୁଛନ୍ତି ମା'। ଏ ନେଇ ଝୁମ୍ପୁରା ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି। ମଙ୍ଗଳବାର ମା'ଙ୍କର ମହାସପ୍ତମୀ ସହ ପଣାପୂଜା ହେବ। ସେଠାରେ ଆଖୁ ବଳିର ପରମ୍ପରା ନିଆରା। ମା'ଙ୍କର ପୂଜା ଝୁମ୍ପୁରା ବଜାରରେ ଅନୁଷ୍ଠିତ ହୋଇ ଆସୁଛି। ଦୁର୍ଗାପୂଜା ଚଳିତ ବର୍ଷ ୪୫ ବର୍ଷରେ ପଦାର୍ପଣ କରିଛି। ଅଞ୍ଚଳର ବଡପୂଜା ଭାବେ ଅଭିହିତ। ମା'ଙ୍କର ଏହି ପୂଜା ଅଞ୍ଚଳବାସୀଙ୍କ ଭାବାବେଗ ସହ ଜଡିତ। ୫ ଦିନ ବ୍ୟାପୀ ସମ୍ପୂର୍ଣ୍ଣ ରୀତିନୀତି ସହକାରେ ମା'ଙ୍କର ପୂଜା ପାଳିତ ହେବ। ଝୁମ୍ପୁରା ବଜାରର ଦୁର୍ଗାପୂଜା ଆନନ୍ଦପୁର ଅଞ୍ଚଳର ରାଧା ବଲ୍ଲବ ମିଶ୍ରଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ବର୍ତ୍ତମାନର ମା'ଙ୍କ ପୂଜାସ୍ଥଳ ତଥା ପୀଠ ସେତେବେଳେ ପରିତ୍ୟକ୍ତ ସ୍ଥାନ ଭାବେ ପଡି ରହିଥିଲା। ଚାରିଆଡ ଲଟାଝଟା ପରିପୂର୍ଣ୍ଣ, ଛୋଟବଡ ଗାଡ, ପଛପଟକୁ ପରିତ୍ୟକ୍ତ ପୋଖରୀ, ବିକ୍ଷିପ୍ତ ଭାବେ କିଛି ଆମ୍ବ, ନିମ୍ବ ଗଛ ରହିଥିଲା। ଉକ୍ତ ସ୍ଥାନକୁ ଲୋକଙ୍କର ଯିବା ଆସିବା ମଧ୍ୟ ନ ଥିଲା।

ଜନଶ୍ରୁତିରୁ ଜଣାଯାଏ, ସ୍ୱପ୍ନାଦେଶ ପରେ ରାଧା ବଲ୍ଲଭ ମିଶ୍ର ଝୁମ୍ପୁରା ଅଞ୍ଚଳର ସୁବୋଧ ଗୁପ୍ତା, ବେଣୁଧର ପ୍ରଧାନ, ପ୍ରକାଶ ଗୁପ୍ତା, ସୁଦାମ ପ୍ରଧାନ, ନନ୍ଦ କିଶୋର ଗୁପ୍ତା, ଦୁଃଖବନ୍ଧୁ ବେଜ, ନାଥଚନ୍ଦ୍ର ପ୍ରଧାନ ପ୍ରମୁଖ ଉକ୍ତ ପରିତ୍ୟକ୍ତ ଜାଗାର ନିର୍ଦ୍ଦିଷ୍ଟ ସ୍ଥାନକୁ ସଫା କରି ମା'ଙ୍କର ପୂଜାରମ୍ଭ କରିଥିଲେ। କିଛି ବର୍ଷ କେବଳ ୪ଟି ଖୁଣ୍ଟ ଉପରେ ତାର୍ପୋଲିନ ଢାଙ୍କି ମା'ଙ୍କର ପୂଜା କରାଯାଉଥିଲା। ସେତେବେଳେ ମଧ୍ୟ କିଛି ନାସ୍ତିକ ଲୋକ ମା'ଙ୍କର ପୂଜାର ବିରୋଧ କରିଥିଲେ। ଅଞ୍ଚଳବାସୀ ମା'ଙ୍କର ପୂଜା କରିବାକୁ ଅଡି ବସିଥିଲେ। ପରେ ସେଠାରେ ମା'ଙ୍କର ଆସ୍ଥାନ ପୀଠ ତିଆରି ହେଲା। କିଛି ବର୍ଷ ହେଲା ପୀଠରେ ପ୍ରତ୍ୟହ ସକାଳ ଓ ସନ୍ଧ୍ୟା ପୂଜା ହେଉଛି। ଶାରଦୀୟ ପୂଜା ଅବସରରେ ଷଷ୍ଠୀ ତିଥିଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୀତିନୀତି ଅନୁସାରେ ମା'ଙ୍କ ପୂଜା ସମ୍ପାଦିତ ହୋଇଥାଏ।। ମହାଷ୍ଟମୀ ପରେ ସନ୍ଧିପୂଜା ସହ କଖାରୁ ବଳି ପରମ୍ପରାର ଛାପ ଦେଖିବାକୁ ମିଳିଛି। ପୀଠ ପୂଜାରେ ୧୦୮ ଦୀପ ଦାନ ସହ ନବ କୁଆଁରୀ କନ୍ୟା ପୂଜା ନିଆରା ପରମ୍ପରା। ଶ୍ରଦ୍ଧାଳୁ ଭିଡ଼ ଜମାଇ ପୂଜା ଦେଖିବା ସହ ମା'ଙ୍କର ଶରଣାପନ୍ନ ହୋଇଥାନ୍ତି। ଏହି ପୀଠକୁ ଭକ୍ତ ଆସିଥାନ୍ତି। ବିବାହ ବ୍ରତଘର, ଗାଡି ପୂଜା, ଅନ୍ୟ ପୂଜା ମଧ୍ୟ ମା'ଙ୍କ ପୀଠରେ ସମାପନ ହୋଇଥାଏ। ଲୋକ ଶ୍ରୁତିର କଥା କହୁ କହୁ ଗଙ୍ଗାଧର ପ୍ରଧାନ, ମନୋହର ରାମ, ମାରୁତି ରାଓ ମୋରେ, ଅଶୋକ ମହାପାତ୍ର, ରମା ଗିରି, ଉମାକାନ୍ତ ମହାକୁଡ ପ୍ରମୁଖଙ୍କ ଆଖି ଛଳ ଛଳ ହୋଇ ଯାଇଥିଲା। ଶ୍ରଦ୍ଧାଳୁଙ୍କ ଦାନରେ ଏବେ ମା'ଙ୍କର ଭବ୍ୟପୀଠ ନିର୍ମାଣ ହୋଇଛି। ମା'ଙ୍କର ପୂଜା ପାର୍ବଣ ଶୃଙ୍ଖଳିତ ଢଙ୍ଗରେ କରିବା ପାଇଁ ଦୁର୍ଗତୀ ନାଶିନୀ ଯୁବସଂଘ ଅବିରତ ଉଦ୍ୟମ କରିଚାଲିଛି। ବାହାରୁ ଆସୁଥିବା ଯାତ୍ରୀମାନଙ୍କର ରହିବା, ବିବାହ, ବ୍ରତଘର ଆଦିର ସୁବ୍ୟବସ୍ଥିତ କରାଯିବା ପାଇଁ ଦୁର୍ଗତୀ ନାଶିନୀ ଯୁବସଂଘର ଉଦ୍ୟମ, ଶ୍ରଦ୍ଧାଳୁଙ୍କ ଦାନ, ଅଞ୍ଚଳବାସୀଙ୍କ ସହଯୋଗରେ କଲ୍ୟାଣ ମଣ୍ଡପ ନିର୍ମାଣ ଚାଲିଛି। ମା'ଙ୍କର ଧରାବତରଣ ଗୋଟିଏ ଦିନ ବାକି ଥିବାବେଳେ ପୀଠରେ ପୂଜାର ମାହୋଲ ବାରି ହୋଇପଡୁଛି। ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଇଛି। ତାହା ସମସ୍ତଙ୍କ ମୁଖ୍ୟ ଆକର୍ଷଣ ହୋଇଛି।

